# GRAMIN KRISHI MAUSAM SEWA
# INDIA METEOROLOGICAL DEPARTMENT
## DISTRICT AGROMET UNIT
## KRISHI VIGYAN KENDRA, MAYURBHANJ-1
ODISHA UNIVERSITY OF AGRICULTURE AND TECHNOLOGY,
BHUBANESWAR-751003

## ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକ ଚିହ୍ନଟ, ଏହାର ଲକ୍ଷଣ ଓ ପରିଚାଳନା

ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ଲାଗିବାର ସମ୍ଭାବନା ଅଛି।

**ମାଟିଆଗୁଣ୍ଡି ପୋକ ଲାଗିବା ପାଇଁ ଅନୁକୂଳ ପାଣିପାଗ:**

| ତାପମାତ୍ରା(°C) | ଆପେକ୍ଷିକ ଆର୍ଦ୍ରତା(%) | ପବନର ବେଗ (କିମି/ଘଣ୍ଟା) | ବର୍ଷା (ମି.ମି./ସପ୍ତାହ) | ଅନୁକୂଳ ପାଣିପାଗ |
|---|---|---|---|---|
| >୩୦ | >୭୦ | <୫ | ୦- ୩୦ | ବର୍ଷା ପରେ ଖରା ଓ ଆର୍ଦ୍ର ବାତାବରଣ, ଦିନ ତପମାତ୍ରାରେ ବୃଦ୍ଧି ଏବଂ ରାତି ତାପମାତ୍ରା ୨୧-୨୩°C ମଧ୍ୟରେ ରହିଲେ ଏହି ପୋକର ପ୍ରାଦୁର୍ଭାବ ବଢିବାର ସମ୍ଭାବନା ଥାଏ। **ଅଗଷ୍ଟ ମାସରୁ ଅକ୍ଟୋବର ମାସ ମଧ୍ୟରେ ଏହି ପୋକ ମୁଖ୍ୟତଃ ଧାନ ଫସଲକୁ ଆକ୍ରମଣ କରେ।** |

**ମାଟିଆଗୁଣ୍ଡି ପୋକର ଚିହ୍ନଟ:**

ମାଟିଆଗୁଣ୍ଡି ପୋକ/ ଚକଡା ପୋକ ଏକ ଧୂସର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି। ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ବା ପଲ୍ଲରେ ଦେଖିବାକୁ ମିଳେ। ଏହି ପୋକ ଧାନ ବିଲରେ ଜଳ ସ୍ତରର ଠିକ ଉପରକୁ ବସିଥାନ୍ତି ଏବଂ ହଲଚଲ କରିଲେ ମାଛି ଭଳିଆ ଉଡ଼ିବୁଲନ୍ତି। ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ମିଶିକରି ଲାଗିଥାନ୍ତି । ବିଶେଷକରି ଧାନ ଫସଲର କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି ।



**ଧାନ ଗଛରେ ମାଟିଆଗୁଣ୍ଡି ପୋକର ଆକ୍ରମଣର ଲକ୍ଷଣ:**

- ଆକ୍ରାନ୍ତ ଗଛର ତଳ ପତ୍ରଗୁଡ଼ିକ ପ୍ରଥମେ ହଳଦିଆ ପଡ଼ିଯାଏ ଏବଂ ପରେ ସମ୍ପୂର୍ଣ୍ଣ ଗଛ ଫିକା ବା ଈଷତ ବାଦାମୀ ରଙ୍ଗର ହୋଇଯାଏ।
- ଗୋଲାକାର ଶୁଖିଲା ପ୍ୟାଚ୍: ଆକ୍ରମଣ ଆରମ୍ଭରେ କ୍ଷେତରେ ଛୋଟ ଛୋଟ ଗୋଲାକାର ଅଞ୍ଚଳରେ ଗଛଗୁଡ଼ିକ ଶୁଖିଯାଏ।
- ପୋକର ସଂଖ୍ୟା ବହୁତ ବଢ଼ିଗଲେ, ଗଛଗୁଡ଼ିକ **ଶୁଖିଯାଇ** ପୋଡ଼ିଗଲା ଭଳି ଦେଖାଯାଏ। ଏହି ସ୍ଥିତିକୁ 'ହପର୍ ବର୍ନ' କୁହାଯାଏ।
- ଆକ୍ରାନ୍ତ ଗଛର ମୂଳ ପାଖକୁ ଛୁଇଁଲେ ଏହା ଚିପ୍‌ଚିପ୍ ଲାଗେ। ଏହା ପୋକ ମଳ ତ୍ୟାଗ କରୁଥିବାରୁ ଏପରି ହୋଇଥାଏ।
- ପୋକଗୁଡ଼ିକ ଗଛରୁ ରସ ଶୋଷି ନେଉଥିବାରୁ ଗଛର ବୃଦ୍ଧି ହୋଇପାରେ ନାହିଁ ଏବଂ ଗଛ ବାଙ୍ଗରା ରହିଯାଏ।



**ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକର ପରିଚାଳନା:**

- ଦିନରେ ବାୟୁମଣ୍ଡଳର ଉତ୍ତାପ ୩୦° ସେଲସିଅସ୍ ଉପରକୁ ଚାଲିଗଲେ ନିୟମିତ ଭାବରେ ଫସଲ ସର୍ବେକ୍ଷଣ କରନ୍ତୁ ଓ ଧାନ ଗଛ ମୂଳକୁ ଆଡେଇକରି ମାଟିଆ ଗୁଣ୍ଡିପୋକ ଲାଗିଛି କି ନାହିଁ ଦେଖନ୍ତୁ ।
- ଯଦି ଧାନରେ ପିଲ ସାରରେ ୟୁରିଆ ଦିଆ ନ ହୋଇଛି ତେବେ ଆଉ ୟୁରିଆ ସାର ପକାନ୍ତୁ ନାହିଁ।
- ଧାନ ଫସଲରେ ଉପଯୁକ୍ତ ପରିମାଣରେ ପୋଟାଶ ସାର (MOP) ପ୍ରୟୋଗ କରନ୍ତୁ। ଯଦି ପୋଟାଶ ସାର ପକେଇନାହାନ୍ତି ତେବେ ଏକର ପିଛା ୧୨ କିଗ୍ରା ପୋଟାଶ ସାର (MOP) ପ୍ରୟୋଗ କରନ୍ତୁ।
- କ୍ଷେତରେ ଠିଆ ପାଣି ନ ରଖି ଶୁଖିଗଲା ପରେ ପାଣି ନ ରଖି ଶୁଖିଗଲା ପରେ ପୁଣି ପାଣି ମଡାନ୍ତୁ ।
- ନିୟମିତ ଅନ୍ତରରେ ପ୍ରତି ୧୦ ଫୁଟ ଛାଡି ପୂର୍ବ-ପଶ୍ଚିମ କରି କ୍ଷେତରେ ପାହି କାଟି ଦିଅନ୍ତୁ , ଅର୍ଥାତ୍ ବଢିଥିବା ଧାନକୁ ଦୁଇ ପଟକୁ ଆଡେଇ ଦିଅନ୍ତୁ ଯେପରିକି ଗଛର ମୂଳରେ ସୂର୍ଯ୍ୟ କିରଣ ପଡିବ ଓ ବାୟୁ ଚଳାଚଳ ହେବ।
- ଯଦି ଆପଣଙ୍କ ବିଲରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି ତେବେ ପ୍ରତିଷେଧକ ଭାବେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ, ୧୫୦୦ ପିପିଏମ ଆଜାଡିରାକ୍ଟିନ୍ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ସର୍ବେକ୍ଷଣରୁ ବୁଦାପ୍ରତି ପୋକ ସଂଖ୍ୟା ୫-୧୦ ଥିଲେ ରାସାୟନିକ କୀଟନାଶକ ପ୍ରୟୋଗ କରନ୍ତୁ।
  - ଏକର ପ୍ରତି ୪୦୦ ଗ୍ରାମ ବୁପ୍ରୋଫେଜିନ୍ ୧୫% + ଏସିଫେଟ୍ ୩୫% ଡବ୍ଲୁ.ପି.୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
  - କିମ୍ବା ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲୁ.ଜି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
  - କିମ୍ବା ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
  - କିମ୍ବା ଏକର ପ୍ରତି ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
  - କିମ୍ବା ଏକର ପ୍ରତି ୯୫ ମିଲି ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
  - କିମ୍ବା ଏକର ପ୍ରତି ୧୩୫ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ୧୫% + ପାଇମେଟ୍ରୋଜିନ୍ ୪୫% ଡବ୍ଲୁ.ଜି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।

E-mail: kvk.mayurbhanj1@ouat.ac.in, kvkmayurbhanj1.ouat@gmail.com & damumayurbhanj1@gmail.com